# Akashvani, Sambalpur

## SAMBALPURI NEWS EVENING BULLETIN

**7 September 2025- 7.02 pm- 7.12 pm.**

*********************************************

୧- ଦେଶର୍ ୮ ହଜାର୍ ଜାଗା ନ କରାଗଲା 'ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକଲ୍' କାର୍ଯ୍ୟକ୍ରମ୍ ।

୨- ମହାନଦୀ ନ ଏଛେନ୍‌ତକ୍ ନାଇଁନ ବନ୍ୟା ଥିତି -କହେଲେ ରାଜସ୍ୱ ମନ୍ତ୍ରୀ ।

୩- ଆଏଜ୍ ରାତି ୯ ବାଜିକରି ୫୮ ମିନିଟ୍‌ନୁ ୧ ବାଜିକରି ୨୬ ମିନିଟ୍‌ତକ୍ ଦୃଶ୍ୟମାନ୍ ହେବା ଇ ବଛରର୍ ଶେଷ୍ ଚନ୍ଦ୍ରଗ୍ରହଣ୍ ।

ଆଉର୍

୪- ସଫା ପବନ୍ ଲାଗି ଦଉଡ଼ ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ନିଲିଆ ଆକାଶ୍ ଲାଗି ଅନ୍ତର୍ଜାତୀୟ ସଫା ପବନ୍ ଦିବସ୍ ।

ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକଲ         ଏନ୍ଏସ୍ଡି

ସାରା ଦେଶେ ଆଏଜ୍ ୮ ହଜାର୍ନୁ ଅଏତ୍କା ଜାଗା ନ ଏକାସାଙ୍ଗେ ‘ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକଲ୍’ କାର୍ଯ୍ୟକ୍ରମ୍ ଆୟୋଜିତ୍ ହେଇଛେ । ଇ ବଛର୍ ଇ ଦିବସ୍ର ବାର୍ତା ‘ଗର୍ବସେ ସ୍ୱଦେଶୀ’ ରହିଛେ । ନୂଆଦିଲ୍ଲୀ ନ ହେଇଥିବା ସଣ୍ଡେଜ୍ ଅନ୍ ସାଇକିଲ୍ କାର୍ଯ୍ୟକ୍ରମ୍ଥି କେନ୍ଦ୍ର କ୍ରୀଡ଼ା ଆଉ ଯୁବ ବ୍ୟାପାର୍ ମନ୍ତ୍ରୀ ମନ୍ସୁଖ ମାଣ୍ଡଭିୟ ଯୋଗ୍ ଦେଇକରି ଇ କାର୍ଯ୍ୟକ୍ରମ୍ ଇହାଦେ ସାରା ଦେଶେ ଜନ ଆନ୍ଦୋଲନ୍ ହେଇଛେ ବଲି କହିଛନ୍ । ସୁସ୍ଥ ଆଉ ନିରୋଗ୍ ରହେବାର୍ ସହେତେ ସ୍ୱଦେଶୀ ଦରବ୍ ବେଭାର୍କେ ତହଁକାବାର୍ଟା ଇ କାର୍ଯ୍ୟକ୍ରମ୍ର ମୁଖ୍ୟ ଲକ୍ଷ୍ୟ ଆଏ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭିୟ କହିଛନ୍ ।

ରାଜସ୍ୱ ମନ୍ତ୍ରୀ-ବନ୍ୟା ଥିତି      ହି.ସ.

ମହାନଦୀ ନ ଏଛେନ୍ତକ୍ ବନ୍ୟା ଥିତି ଦେଖା ନାଇଁ ଦେଇ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍, ମହାନଦୀ ନ ୧୦ ଲାଖ୍ କ୍ୟୁସେକ୍ନୁ ଅଏତ୍କା ପାଏନ୍ ବୁହିଲେ ବନ୍ୟା ଥିତି

ଦେଖାଯାଏସି । ଆଗ୍‌କେ ବର୍ଷା ହେବା ବଲି ପାଣିପାଗ୍ ବିଭାଗ୍ ସତର୍କ ସୂଚ୍‌ନା ଜାରି କରିଛେ । ମାତରକ ବନ୍ୟା ପରିସ୍ଥିତି ଦେଖାଦେଲେ ମୁକାବିଲା ଲାଗି ରାଜସ୍ୱ ବିଭାଗ୍ ତୟାର୍ ଅଛେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ସେଆଡ଼େ ରାଜ୍ୟର୍ କେନ୍‌ସି ଜାଗା ନ ବନ୍ୟା ଥିତି ନାଇଁନ ବଲି ଜଲ୍‌ସମ୍ପଦ୍ ବିଭାଗ୍ ସର୍ବୋଚ୍ଚ ଯନ୍ତ୍ରୀ ସୂଚ୍‌ନା ଦେଇଛନ୍ । ହୀରାକୁଦ୍ ଜଲ୍‌ଭଣ୍ଡାର୍ ନ ପାଏନ୍ ଛଡ଼ାଯାଉଥିଲେ ଭିଲ୍ ମୁଣ୍ଡୁଲି ନ ବିପଦ୍ ସଙ୍କେତ୍ ଦେଖା ନାଇଁ ଦେଇ ବଲି ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ବନ୍ଦ I&PR

ଭୁବ୍‌ନେଶ୍ୱର୍ ଠାନେ ଆଏବାକାଏଲ୍ ହେବାର୍‌କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଅନିବାର୍ଯ୍ୟ କାରଣ୍ ଲାଗି ନାଇଁ ହୁଏ । ଇଥିର୍‌ଲାଗି ପଞ୍ଜିକରଣ୍ କରିଥିବା ଲୁକେ ଆଏବା ଶୁଣାଣି ବେଲ୍‌କେ ମୁଖ୍ୟମନ୍ତ୍ରୀଙ୍କୁ ନିଜର୍ ଅଭିଯୋଗ୍ ଜନେଇପାର୍‌ବେ । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଚନ୍ଦ୍ରଗ୍ରହଣ୍ ଆର୍‌ଏନ୍‌ୟୁ/ ସମ୍ବଲପୁର/ ପୁରୀ ସମ୍ବାଦଦାତା

ଇ ବଛ୍‌ରର୍ ବିରଳ ପୂର୍ଣ୍ଣ ଚନ୍ଦ୍ର ଗ୍ରହଣ୍ ଆଏଜ୍ ହେବା । ଇ ମହାଜାଗତିକ ଦୃଶ୍ୟ ଭାରତ୍‌ର ସବୁ ଜାଗା ନ ଦେଖାଯିବା । ରାତିର୍ ୯ ବାଜିକରି ୫୮ ମିନିଟ୍‌ଥି ଗ୍ରହଣ୍ ଲାଗ୍‌ବା ଆଉ ରାତିର୍ ୧୧ ବାଜିକରି ୧ ମିନିଟ୍‌ଥି ପୂର୍ଣ୍ଣଗ୍ରାସ ଗ୍ରହଣ୍ ମୁଲ୍ ହେଇକରି ଡେରିରାତି ୧ ବାଜିକରି ୨୬ ମିନିଟ୍‌ଥି ଗ୍ରହଣ ପୁରାପୁରି ଛାଡ଼୍‌ବା । ଚନ୍ଦ୍ରଗ୍ରହଣ୍ ଲାଗି ଦିନର୍ ୧୨ ବାଜିକରି ୫୭ ମିନିଟ୍‌ନୁ ପାକତ୍ୟାଗ ହେଇଛେ । ଇ ଗ୍ରହଣ୍‌କେ ଖାଲି ଆଖିଥି ଭିଲ୍ ଦେଖିହେବା ବଲି ଜ୍ୟୋତିର୍ବିଜ୍ଞାନୀମାନେ ସୂଚ୍‌ନା ଦେଇଛନ୍ ।

ଚନ୍ଦ୍ରଗ୍ରହଣ୍ ଲାଗି ଆଏଜ୍ ପୁରୀ ଶ୍ରୀମନ୍ଦିର୍ ନ ଖାସ୍ ନୀତିକାନ୍ତି କରାଯାଇଛେ । ଗଲା ରାତି ୨ ବଜେନୁ ଦୁଆର ଫିଟାଯିବାର୍ ସହେତେ ୨ ବାଜିକରି ୪୦ ମିନିଟ୍ ଭିତ୍‌ରେ ମଙ୍ଗଳ ଆଲ୍‌ତୀ ହେଇଥିଲା । ତାର୍ ଉତ୍‌ରୁ ସବୁଦିନିଆ ନୀତିକାନ୍ତି ମୁଲ୍ ହେଇକରି ଦିନର୍ ସାଢ଼େ ୧୨ ବଜେ ଭିତ୍‌ରେ ଶେଷ୍ ହେଇଥିଲା । ରାତି ଗ୍ରହଣ୍ ଛିଇଁଲା ଉତ୍‌ରୁ ମାହାପୁରୁମାନ୍‌କର୍ ଗ୍ରହଣ ମହାସ୍ନାନ ଆଉ ଗ୍ରହଣ ଭୋଗନୀତି ସଙ୍ଗେ ଅଲ୍‌ଗା ନୀତି ମାନ୍ କରାଯିବା ବଲି ଆମର୍ ସମ୍ବାଦଦାତାଙ୍କର୍‌ନୁ ସୂଚ୍‌ନା ମିଲିଛେ ।

ସମ୍ବଲ୍‌ପୁର୍ ସମଲେଶ୍ୱରୀ ମନ୍ଦିର୍ ନ ସଖାଲର୍ ମଙ୍ଗଲ ଆଲ୍‌ତି ଆଉ ବାକି ନୀତିକାନ୍ତି ଉତ୍‌ରୁ ଦିନର୍ ୧୧ ବାଜିକରି ୪୫ ମିନିଟ୍ ତକ୍ ଦର୍ଶନ୍ ଚାଲିଥିଲା । ତାର୍ ଉତ୍‌ରୁ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛେ ।

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପ୍ରତିଷ୍ଠା ଦିବସ I&PR

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍‌ର ୪୩ ନମ୍ବର୍ ପ୍ରତିଷ୍ଠା ଦିବସ୍ ଆଏଜ୍ ପରିଷଦ୍ ମୁଖ୍ୟ କାର୍ଯ୍ୟାଲୟ ଠାନେ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ବିଦ୍ୟାଲୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ୍ ଦେଇକରି ଶିକ୍ଷା ହିଁ ସମୃଦ୍ଧ ଭାରତ୍‌ର ମାନଦଣ୍ଡ ଆଏ ବଲି କହିଛନ୍ । ଇ ଅବ୍‌ସରେ ଅତିଥି ମାନେ ସ୍ମରଣିକା ପ୍ରଜ୍ଞା ଆଉ ଏନ୍‌ଏସ୍‌ଏସ୍‌ର ବାର୍ଷିକ ବିବରଣୀ ବହି ଉନ୍ମୋଚନ୍ କରିଥିଲେ । ତାର୍ ଉତ୍‌ରୁ କ୍ରୀଡ଼ାବିତ୍‌ମାନ୍‌କୁ ସମ୍ବର୍ଦ୍ଧିତ୍ କରାଯାଇଥିଲା ।

ଗାଡ଼ି ପାର୍କି- କର୍ମଶାଳା I&PR

ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ତରଫୁ ଓଡ଼ିଶା ଅର୍ବାନ୍ ଏକାଡେମୀ ଜରିଏ ସହରାଂଚଲ୍ ନ ଗାଡ଼ି ପାର୍କି

ଉପ୍‌ରେ ଗୁଟେ ପରାମର୍ଶଦାତା କର୍ମଶାଲା ଆୟୋଜିତ୍ ହେଇଯାଇଛେ । କର୍ମଶାଲାଥି ରାଜ୍ୟର୍ ପ୍ରମୁଖ ଅଂଶୀଦାର୍ ମାନ୍‌କୁ ସହରୀ ଇଲାକାମାନ୍‌କେ ପାର୍କିଂକେ ନେଇକରି ଦେଖାଦେଉଥିବା ଆହ୍ୱାନ୍‌ର ସ୍ଥାୟୀ ଆଉ ବ୍ୟବହାରିକ୍ ଆହ୍ୱାନ୍ ଉପ୍‌ରେ ଆଲୋଚନା କରାଯାଇଥିଲା ।

ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ୍ I&PR

'ସଫା ପବନ୍ ଲାଗି ଦଉଡ୍' ବାର୍ତା ନେଇକରି ଆଏଜ୍ ପାଲନ୍ ହେଇଛେ ନିଲିଆ ଆକାଶ୍ ଲାଗି ଅନ୍ତର୍ଜାତୀୟ ସଫା ପବନ୍ ଦିବସ୍ । ଇ ଅବ୍‌ସରେ ଭୁବ୍‌ନେଶ୍ୱର୍ ଫରେଷ୍ଟ୍ ପାର୍କ ଠାନେ ଗୁଟେ ସଚେତନତା ସାଇକେଲ୍ ଶୋଭାଯାତ୍ରା ହେଇଯାଇଛେ । ସଫା ପରିବେଶ୍ ଆଉ ସ୍ଥାୟୀ ଜୀବନ୍‌ଶୈଲୀର୍ ବାର୍ତା ଦେବାର୍ ଲକ୍ଷ୍ୟଥି ଇ ରେଲି ଆୟୋଜନ୍ କରାଯାଇଛେ । ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ସତ୍ୟବ୍ରତ ସାହୁ, ମୁଖ୍ୟ ବନସଂରକ୍ଷକ ପ୍ରମୁଖ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ପବନ୍‌କେ ସଫା ଆଉ ସୁରକ୍ଷିତ ରଖିବାର୍ ସଙ୍ଗେ ଭବିଷ୍ୟତ୍ ପିଢ଼ିକେ ସଫା, ସୁସ୍ଥ ଆଉ ସ୍ଥାୟୀ ପରିବେଶ୍ ଦେବାର୍‌ଟା ଆମର୍ କର୍ତବ୍ୟ ଆଏ ବଲି କହିଛନ୍ । ଇ ଅବ୍‌ସରେ ସାଇକେଲ୍ ଚଲାବାର୍ ଉପ୍‌ରେ ଜୋର୍ ଦିଆଯାଇଥିଲା ।

ଭାଗ୍‌ବତ୍ ଜନ୍ମ ଆର୍‌ଏନ୍‌ୟୁ ସମ୍ବଲପୁର/ସୁବର୍ଣ୍ଣପୁର୍ ସମ୍ବାଦଦାତା

ଭୁଦୋ ପୁନି ଅବ୍‌ସରେ ଆଏଜ୍ ଅତିବଡ଼ି ଜଗନ୍ନାଥ୍ ଦାସ୍‌ଙ୍କର୍ ଭାଗ୍‌ବତ୍ ପୁରାଣ୍‌ର ଜନ୍ମୋତ୍ସବ୍ ପାଲିତ୍ ହେଇଛେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭାଗ୍‌ବତ୍ ଗ୍ରନ୍ଥ ଓଡ଼ିଶାବାସୀଙ୍କର୍ ସ୍ୱାଭିମାନ୍ ଆଉ ଅସ୍ମିତାର୍ ପରିଚୟ ଆଏ ବଲି ସାମାଜିକ୍ ଗଣମାଧ୍ୟମ୍‌ଥି କହିଛନ୍ । ଓଡ଼ିଆ ଜାତିର୍ ସାହିତ୍ୟିକ, ସାଂସ୍କୃତିକ ଆଉ ଆଧ୍ୟାତ୍ମିକ୍ ଜାଗରଣ୍‌ଥି ଇ ମହାନ୍ ଗ୍ରନ୍ଥ ସହାୟକ୍ ହେଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଇ ଅବ୍‌ସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇକରି ଶ୍ରୀମଦ୍ ଭାଗବତ୍ ଓଡ଼ିଆ ଜନଜୀବନ୍‌ର ଗୁଟେ ଜରୁରୀ ଅଂଶ ଆଏ ବଲି କହିଛନ୍ । ରାଜ୍ୟର୍ ଭିନ୍ ଭିନ୍ ଜାଗାନୁ ଆଏଜ୍ ଭାଗ୍‌ବତ୍ ଜନ୍ମ ନୀତି ପାଲନ୍ କରାଯିବାର୍ ସହେତେ ଭାଗ୍‌ବତ୍ ପାଠ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ ।

ସୁବର୍ଣ୍ଣପୁର୍ ସୈନଗରି ଠାନେ ଥିବା ଯୋଗ ବିହାର୍ ନ ଭାଗବତ୍ କଥାମୃତ ଆୟୋଜନ୍ କରାଯାଇଛେ । ଇ ଅବ୍‌ସରେ ‘ଓଡ଼ିଆ ଭାଗ୍‌ବତ୍ ଆଉ ସମାଜ ସ୍ୱର’ ଶୀର୍ଷକ୍ ଗୁଟେ ଆଲୋଚନାଚକ୍ର ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ବକ୍ତମାନେ ଓଡ଼ିଆ ଭାଷାକେ ବର୍‌କସ୍ କର୍‌ବାର୍ ଦିଗେ ଅତିବଡ଼ି

ଜଗନ୍ନାଥ୍ ଦାସ୍ଙ୍କର୍ ଅବଦାନ୍ ସବୁଦିନ ମନେ ରହେବା ବଲି କହିଛନ୍ । ଧର୍ମୀୟ ପରମ୍ପରାକେ ବଂଚେଇ ରଖିକରି ନୈତିକ୍ ଶିକ୍ଷା ଆଉ ସମାଜ୍ ଶିକ୍ଷା ଦିଗେ ଓଡ଼ିଆ ଭାଗ୍‌ବତ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା ବଲି ବକ୍ତମାନେ କହିଛନ୍ ।

ଜିଏସ୍‌ଟି ସଂସ୍କାର ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶର୍ ସାଧାରଣ୍ ନାଗରିକ୍ ମାନ୍‌କର୍ ଆବଶ୍ୟକତାକେ ନଜର୍‌ଥି ରଖିକରି ଆଏବା ପିଢ଼ିର୍ ଜିଏସ୍‌ଟି ସଂସ୍କାର୍ ନିଷ୍ପତି ନିଆଯାଇଛେ । ନୂଆଁ ଜିଏସ୍‌ଟି ନୀତି ଜରିଏ ଗରିବ୍ ଆଉ ମଧ୍ୟବିତ ପରିବାର୍ ମାନେ ଲାଭ୍ ପାଏବାର୍ ସହେତେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକେ ଭିଲ୍ ବହୁତ୍‌ଟେ ଲାଭ୍ ମିଲ୍‌ବା । ଇଥିର୍‌ଲାଗି ଆମେରିକାର୍ ଟାରିଫ୍ କଟକଣାକେ ଭିଲ୍ ଭାରତୀୟ ଅର୍ଥନୀତି ଉପ୍‌ରେ କେନ୍‌ସି ପ୍ରଭାବ୍ ନାଇଁ ପକେଇପାରେ ବଲି ଝାର୍‌ସୁଗୁଡ଼ା ଏଲ୍.ଏନ୍. କଲେଜ୍‌ର ଅର୍ଥନୀତି ବିଭାଗ୍ ମୁଖ୍ୟ ତପନ୍ କୁମାର୍ ବାରିକ୍ କହିଛନ୍....

(ଭଏସ୍ ଓଭର୍- ତପନ୍ କୁମାର୍ ବାରିକ୍)

ସୂଚ୍‌ନା ଅନ୍‌ସାରେ ଆଏବା ୨୨ ତାରିଖ୍‌ନୁ ନୂଆଁ ଜିଏସ୍‌ଟି ଦର୍ ଲାଗୁ ହେବା ।

## ନିଶାମୁକ୍ତି ଅଭିଯାନ୍ କାର୍ଯ୍ୟକ୍ରମ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ଯୋଜନା ଆଉ ପର୍ଯ୍ୟବେକ୍ଷଣ ଶାଖା ତର୍ଫୁ ପଂଚମ ବାର୍ଷିକ ନିଶାମୁକ୍ତି ଅଭିଯାନ୍ କାର୍ଯ୍ୟକ୍ରମ୍ ଆଏଜ୍ ହେଇଯାଇଛେ । ଇ ଅବ୍ସରେ ଜିଲ୍ଲାର୍ ଭିନ୍ ଭିନ୍ କଲେଜ୍ର ଛାତ୍ରଛାତ୍ରୀମାନ୍କୁ ନେଇକରି ପ୍ରବନ୍ଧ ଲେଖା, ଚିତ୍ରାଙ୍କନ, ସ୍ଲୋଗାନ୍ ଲେଖ୍ବାର୍ ପ୍ରତିଯୋଗିତା ଆୟୋଜନ୍ କରାଯାଇଥିଲା । ମହିଳା ଏସ୍ଏଚ୍ଜି ମାନ୍କର୍ ଭିତ୍ରେ ରଙ୍ଗୋଲି ଆଉ ଝୁଟି ପ୍ରତିଯୋଗିତା ଭିଲ୍ କରାଯାଇଥିଲା । ଇ ଅବ୍ସରେ ନିଶା ମୁକ୍ତ ଭାରତ ଅଭିଯାନ୍ ବିଷେଥି ଗୁଟେ ସଭାର୍ ଆୟୋଜନ୍ କରାଯାଇଥିଲା । ସଭାଥି ନିଶା ସେବନ୍ର କୁପରିଣାମ୍ ବାବ୍ଦେ ସଚେତନ୍ କରାଯାଇଥିଲା ।

## ଜିଲ୍ଲାପାଳ୍ -ରାଜସ୍ୱ ସଂଗ୍ରହ ସମୀକ୍ଷା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ନ ରାଜସ୍ୱ ସଂଗ୍ରହ ସମୀକ୍ଷା ବୈଠକ୍ ଆଏଜ୍ ହେଇଯାଇଛେ । ଇଥି ଜିଲ୍ଲା ରାଜସ୍ୱ ଅଧିକାରୀଙ୍କର୍ ସହେତେ ଅଲ୍ଗା ଅଧିକାରୀମାନେ ଯୋଗ୍

ଦେଇକରି ରାଜସ୍ୱ ଆଦାୟ ବାବଦ୍ ତଥ୍ୟ ଉପସ୍ଥାପନ୍ କରିଥିଲେ । ଚାଷ୍ ଜମି ନାଇଁଥିଲା ଲୁକ୍‌କୁ ସର୍‌କାରୀ ନିୟମ୍ ଅନ୍‌ସାରେ ଜମି ଲିଜ୍ ଦିଆଯିବା । ଯେନ୍‌ଥିର୍‌ଲାଗି ଗରିବ୍ ଲୁକେ ଭିଲ୍ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଯୋଜ୍‌ନାଥି ଭିଲ୍ ସାମିଲ୍ ହେଇପାର୍‌ବେ ବଲି ଜିଲ୍ଲାପାଲ୍ କହିଛନ୍ ।

ୟୁରିଆ ସାର ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାକେ ୨୭ ହଜାର୍ ବସ୍ତା ୟୁରିଆ ସାର୍ ୟୁଗେଇ ଦିଆଯାଇଛେ । ୨୬ ଟା ପେକ୍ସ ଜରିଏ ଆଉ କେତେଟା ଡିଲର୍ ଜରିଏ ଚାଷୀମାନ୍‌କୁ ସାର୍ ୟୁଗେଇ ଦିଆଯାଉଛେ ବଲି ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଜିଲ୍ଲା ନ ସୁରୁଖୁରୁଥି ସାର ଯୋଗାଣ ଚାଲିଛେ ବଲି ଆମର୍ ସମ୍ବାଦଦାତାଙ୍କର୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ଏସିଆ କପ୍ ପୁରୁଷ ହକି ଚମ୍ପିଆନ୍‌ସିପ୍ ଏନ୍‌ଏସ୍‌ଡି

ବିହାର୍‌ର ରାଜ୍‌ଗିର୍ ଠାନେ ଏସିଆ କପ୍ ପୁରୁଷ ହକି ଚମ୍ପିଆନ୍‌ସିପ୍‌ର ଫାଇନାଲ୍ ମେଚ୍ ଆଉ କିଛି ସମିଆ ଉତ୍‌ରୁ ଭାରତ୍ ଆଉ କୋରିଆ ଭିତ୍‌ରେ ଖେଲାଯିବା । ଗଲାକାଏଲ୍

ଚାଇନାକେ ୭-ଶୂନ୍ ଗୋଲ୍‌ଥି ହରେଇକରି ଭାରତ୍ ଫାଇନାଲ୍‌କେ ପୁହୁଁଚିଛେ । ୪ ଥର୍ ଫାଇନାଲ୍ ଜିତିଥିବା ଭାରତ୍ ଇଥର ଭିଲ୍ ଟାଇଟିଲ୍ ହାସଲ୍ କର୍‌ବାର୍‌କେ ଜୋର୍‌ଦାର୍ ଚେରେଷ୍ଟା ଚଲେଇଛେ ।

ଏସିଆନ୍ ଟେବୁଲ୍ ଟେନିସ୍     ହି.ସ.

ଭୁବନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଆଏବା ମାସେ ୨୮ ନମ୍ବର୍ ଆଇଟିଟିଏଫ୍-ଏଟିଟିୟୁ ଏସିଆନ୍ ଟେବୁଲ୍ ଟେନିସ୍ ଟିମ୍ ଚମ୍ପିଆନ୍‌ସିପ୍ ପ୍ରତିଯୋଗିତା ହେବା । ଭାରତୀୟ ଟେବୁଲ୍ ଟେନିସ୍ ମହାସଂଘର ଘୋଷ୍‌ନା ଅନ୍‌ସାରେ ଅକ୍ଟୋବର୍ ୧୧ ନୁ ୧୫ ତାରିଖ୍‌ତକ୍  ଇ ପ୍ରତିଯୋଗିତାର୍ ଆୟୋଜନ୍ କରାଯିବା । ଆଘୋନୁ ଇତାର୍ ସିଙ୍ଗିଲ୍, ଡବଲ୍‌ସ୍ ଆଉ ମିକ୍ସଡ୍ ଖେଲ୍ କାଜାଖ୍‌ସ୍ଥାନ୍ ନ ସରିଥିଲା ବେଲ୍‌କେ ଦଳଗତ ପ୍ରତିଯୋଗିତା ଭୁବ୍‌ନେଶ୍ୱର୍ ନ ଖେଲାଯିବା ।

ସୈରେନ୍ଦ୍ରୀ ନାଏକ ଫୁଟ୍‌ବଲ୍ ପ୍ରତିଯୋଗିତା/ଆର୍‌ଏନ୍‌ୟୁ ସମ୍ବଲପୁର

ସମ୍ବଲ୍‌ପୁର୍ କାଇଁଶିର୍ ଖେଲ୍‌ପଡ଼ିଆ ନ ଚାଲିଥିବା ସୈରେନ୍ଦ୍ରୀ ନାଏକ ସ୍ମାରକୀ ଆନ୍ତଃବିଦ୍ୟାଳୟ ଫୁଟ୍‌ବଲ୍ ପ୍ରତିଯୋଗିତାଥି ଆଏଜ୍ ଗୁରୁନାନକ୍ ପବ୍ଲିକ୍ ସ୍କୁଲ୍ ଆଉ ସେଂଟ୍ ଜାଭିଅର୍ ହାଇସ୍କୁଲ୍ ଭିତ୍‌ରେ ମେଚ୍ ଖେଲାଯାଇଥିଲା । ମେଚ୍‌ଥି ୭/ଶୂନ୍ ଗୋଲ୍ ଦେଇକରି ଗୁରୁନାନକ୍ ସ୍କୁଲ୍ ଜିତିଛେ ।

ପାଣିପାଗ୍ ଆର୍‌ଏନ୍‌ୟୁ/ସମ୍ବଲପୁର/ସମ୍ବଲ୍‌ପୁର୍ ସମ୍ବାଦଦାତା

ଦକ୍ଷିଣ ଓଡ଼ିଶା ଆଉ ଉତର୍ ଆନ୍ଧ୍ରପ୍ରଦେଶ୍ ପାଖେ ବଙ୍ଗୋପ୍‌ସାଗର୍ ନ ଫେର୍‌ଘୁଟେ ଘୂର୍ଣ୍ଣିବଳୟ ବନିଛେ । ଇତାର୍ ପ୍ରଭାବ୍‌ଥି ଆଏବା ୪ ଦିନ୍‌ତକ୍ ଓଡ଼ିଶା ନ ବର୍ଷା ଲାଗି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ କଲାହାଣ୍ଡି, ବଲାଙ୍ଗିର୍ ସହେତେ ରାଜ୍ୟର୍ ୮ ଟା ଜିଲ୍ଲା ନ ଅତି ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍ ନ ଜଲ୍‌ସ୍ତର୍ କମ୍‌ବାର୍‌ନୁ ଆଏଜ୍ ଫେର୍ ୮ ଟା ଗେଟ୍ ବନ୍ଦ୍ କରାଯାଇଛେ । ଏଛେନ୍ ୪ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ । ଆଏଜ୍

ସଞ୍ଜୀବେଲର୍ ୬ ବଜେତକ୍ ଜଲ୍ଭଣ୍ଡାର୍ର ଜଲ୍ସ୍ତର୍ ୬ ଶହ ୨୬ ଦଶ୍ମିକ୍ ୬/୨ ଫୁଟ୍ ରହିଛେ ।